# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 8 February – 2025

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଅନ୍ତୋଦୟ ଯୋଜନାରେ ୨ ଲକ୍ଷ ୨୫ ହଜାର ନୂତନ ପକ୍କାଘର ନିର୍ମାଣ ନେଇ କ୍ୟାବିନେଟ୍‌ରେ ନିଷ୍ପତ୍ତି

– କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ୩୧୪ଟି ବ୍ଲକରେ ନିର୍ମାଣ ହେବ ଷ୍ଟାଡିୟମ

- ରାଜ୍ୟରେ ମାତୃଶକ୍ତିଙ୍କ ସଶକ୍ତିକରଣକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

– ଯାଜପୁରରେ ୧୮ ଲକ୍ଷ ହିତାଧିକାରୀଙ୍କୁ କଲେ ସୁଭଦ୍ରା ସହାୟତା ବଣ୍ଟନ

- ଦିଲ୍ଲୀ ବିଧାନସଭା ନିର୍ବାଚନର ୬୫ଟି ଆସନର ଫଳାଫଳ ଘୋଷଣା

ଏବଂ

- ରାତି ପାହିଲେ ଭାରତ-ଇଂଲଣ୍ଡ ମ୍ୟାଚ୍; ଆଜି ବାରବାଟୀ ଷ୍ଟାଡିୟମ୍‌ରେ ଭାରତୀୟ ଦଳର ଅଭ୍ୟାସ ଜାରି

*Desk*

# ରାଜ୍ୟ କ୍ୟାବିନେଟ୍

ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭିତ୍ତିଭୂମି, ଗମନାଗମନ, ସାମାଜିକ ସୁରକ୍ଷା ଆଦି କ୍ଷେତ୍ର ସମ୍ପର୍କିତ ପ୍ରସଙ୍ଗ ଉପରେ  କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ପକ୍କାଘର ପ୍ରଦାନ କରାଯିବ। ଏ ନେଇ ମୋଟ ୭ ହଜାର ୫୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନିଯୁକ୍ତି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଜୁଡିସିଆଲ ଷ୍ଟାଫ୍ ସର୍ଭିସେସ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ ନିୟମ-୨୦୦୮କୁ ସଂଶୋଧନ କରିବା ପାଇଁ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ପାଇଁ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ଏକ ନୂତନ ଯୋଜନାକୁ ଅନୁମୋଦନ ମିଳିଛି। ଏଥିପାଇଁ ପର୍ଯ୍ୟାୟକ୍ରମେ ୫ ବର୍ଷରେ ୪ ହଜାର ୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଗମନାଗମନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଜିଲ୍ଲାରେ ଥିବା ନଦୀ ଉପରେ ନୂତନ ସେତୁ ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

*Desk*

# ସୁଭଦ୍ରା ଯୋଜନା

ରାଜ୍ୟର ମାତୃଶକ୍ତିଙ୍କ ସଶକ୍ତୀକରଣକୁ ସର୍ବାଧିକ ଗୁରୁତ୍ୱ ଦେଇ ସୁଭଦ୍ରା ଯୋଜନାର ସଫଳ ରୂପାୟନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଯାଜପୁର ଜିଲ୍ଲାରେ ଆଜି ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ଚତୁର୍ଥ କିସ୍ତି ପ୍ରଦାନ କରି ଶ୍ରୀ ମାଝୀ କହିଛନ୍ତି, ମହିଳାଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ସୁଭଦ୍ରା ସହାୟତା ଏକ ଗୁରୁତ୍ୱପୂର୍ଣ୍ଣଭ ଭୂମିକା ଗ୍ରହଣ କରିଛି। ବିକଶିତ ଓଡ଼ିଶା ପାଇଁ ସରକାର ଯେଉଁ ପରିକଳ୍ପନା କରିଛନ୍ତି ତାହା ମହିଳାମାନଙ୍କ ଉଦ୍ୟମ ଓ ଯୋଗଦାନରେ ନିଶ୍ଚୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନାରେ ଅର୍ଥ ହସ୍ତାନ୍ତର କରାଯାଉଛି। ଏହି ଅର୍ଥ ବଣ୍ଟନ ପରେ ରାଜ୍ୟରେ ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷକୁ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀ ଜିଲ୍ଲାର ଏକ ପ୍ରାଚୀନ ପୁଷ୍କରିଣୀ ବ୍ୟାସ ସରୋବର ପ୍ରକଳ୍ପର ଉଦ୍‌ଘାଟନ ସହ ବ୍ୟାସନଗରଠାରେ ନବନିର୍ମିତ ଟାଉନ୍ ହଲର ଶୁଭାରମ୍ଭ କରିଛନ୍ତି। ସହରର କିଆନଇ ଛକଠାରେ ଥିବା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି

ବିଦ୍ୟାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ରୋଗୀ ଚିକିତ୍ସା ପାଇଁ ୫୦୦ ଶଯ୍ୟା ଉପଲବ୍ଧ ଅଛି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ସରମାଝୀ ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବ ପାଞ୍ଚଦିନ ଧରି ଚାଲିବ।

***Desk***

## ନୂତନ କୁଳପତି ଦାୟିତ୍ୱ

ରାଜ୍ୟପାଳ ତଥା କୁଳପତି ଡକ୍ଟର ହରିବାବୁ କମ୍ଭମପାଟି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ-ଭି.ଏସ୍.ଏସ୍.ୟୁ.ଟି. ବୁର୍ଲାର ନୂତନ କୁଳପତି ଭାବେ ପ୍ରଫେସର ଦୀପକ କୁମାର ସାହୁଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର ସାହୁ ବର୍ତ୍ତମାନ ଏକ ବୈଷୟିକ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଶିକ୍ଷାଦାନ ସହ ସେ ଅଧ୍ୟକ୍ଷ, ବିଭାଗୀୟ ମୁଖ୍ୟ, ବୋର୍ଡ ଅଫ୍ ଷ୍ଟଡିଜ୍‌ର ଅଧ୍ୟକ୍ଷ, ଏକାଡେମୀ କାଉନସିଲ୍‌ର ସଦସ୍ୟ ଭାବେ ତାଙ୍କର ବିଭିନ୍ନ ପ୍ରଶାସନିକ ଅଭିଜ୍ଞତା ରହିଛି।

***Desk***

## ଦିଲ୍ଲୀ-ରେଜଲ୍ଟ

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାର ଫଳାଫଳ ପ୍ରକାଶ ପାଇଛି। ପ୍ରାୟ ତିନି ଦଶନ୍ଧି ପରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ ସରକାର ଗଠନ କରିବାକୁ ଯାଉଛି । ମିଳିଥିବା ସୂଚନା ଅନୁସାରେ ୬୫ଟି ଆସନର ଫଳାଫଳ ଘୋଷଣା ହୋଇଛି । ସେଥିମଧ୍ୟରୁ ବିଜେପି ୪୪ଟି ଆସନରେ ବିଜୟୀ ହୋଇଥିବା ବେଳେ ୪ଟି ଆସନରେ ଆଗୁଆ ରହିଛି । ସେହିପରି ଆମ୍ ଆଦମୀ ପାର୍ଟି ୨୧ଟି ଆସନରେ ବିଜୟ ଲାଭ କରିଥିବା

ବେଳେ ଗୋଟିଏ ଆସନରେ ଆଗୁଆ ରହିଥିବା ସୂଚନା ମିଳିଛି । ବର୍ତ୍ତମାନ ସୁଦ୍ଧା କଂଗ୍ରେସ କୌଣସି ଆସନରେ ବିଜୟ ଲାଭ କରିପାରିନାହିଁ।

ବିଜେପିର ପ୍ରମୁଖ ବିଜେତା ମଧ୍ୟରୁ ନୂଆଦିଲ୍ଲୀ ଆସନରେ ପ୍ରଭେଶ ସାହିବ ସିଂହ, ଜୁଙ୍ଗପୁରାରୁ ତରବିନ୍ଦର ସିଂହ ମାରଓ୍ୱା, କରାଓ୍ୱାଲ ନଗରରୁ କପିଲ ମିଶ୍ର, ରାଜୌରୀ ଗାର୍ଡେନ୍‌ରୁ ମଞ୍ଜିନ୍ଦର ସିଂହ ଶିର୍ଷା, ଗାନ୍ଧି ନଗରରୁ ଅରବିନ୍ଦର ସିଂହ ଲଭଲି, ଗ୍ରେଟର କୈଳାସରୁ ଶିଖା ରଏ, ମୋତୀ ନଗରରୁ ହରିଶ ଖୁରାନା, ବିଜ୍ୱାସନ୍‌ରୁ କୈଳାଶ ଗେହେଲଟ ପ୍ରମୁଖ ବିଜୟ ଲାଭ କରିଛନ୍ତି ।

***Desk***

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୦ ତାରିଖ ସୋମବାର ଦିନ ପୂର୍ବାହ୍ଣ ୧୧ଟା ସମୟରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପର୍ଯ୍ୟାୟ ଉପରେ ପର୍ଯ୍ୟବେସିତ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରଛାତ୍ରୀଙ୍କ

ସହ ଆଲୋଚନା କରିବେ। ଚଳିତବର୍ଷ ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଲେଖାଏଁ ଛାତ୍ରଛାତ୍ରୀ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି।

*Nayagarh*

## ବାଚସ୍ପତି- ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

ଜାତୀୟ ଶିକ୍ଷାନୀତିକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ବାଚସ୍ପତି ସୁରମା ପାଢ଼ି କହିଛନ୍ତି। ନୟାଗଡ଼ ଜିଲ୍ଲା ରଣପୁର ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀମତୀ ପାଢ଼ି ସ୍ମାର୍ଟ ଶ୍ରେଣୀଗୃହ, ଶୈକ୍ଷିକ ଭିତ୍ତିଭୂମିର ବିକାଶ, ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଇଛନ୍ତି। ସରକାରୀ ଧନ୍ଦାମୂଳକ ଗୃହନିର୍ମାଣ, ରଣପୁରରେ ଆଦର୍ଶ ଶ୍ମଶାନ ସହ ଏକାଧିକ ପ୍ରକଳ୍ପକୁ ବାଚସ୍ପତି ଉଦ୍‌ଘାଟନ କରିଛନ୍ତି। ସେହିଭଳି ରାଜସୁନାଖଳା ଉଚ୍ଚବିଦ୍ୟାଳୟ ପରିସରରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

*Nayagarh*

## ଫାଇଲେରିଆ ନିରାକରଣ

କେନ୍ଦ୍ର ସରକାରଙ୍କ ଫାଇଲେରିଆ ନିରାକରଣ ଅଭିଯାନରେ ନୟାଗଡ଼ ଜିଲ୍ଲାରେ ଆସନ୍ତା ସୋମବାର ୧୦ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଶାକର୍ମୀ,

ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିଘରକୁ ଯାଇ ଔଷଧ ପ୍ରଦାନ କରିବେ। ଗର୍ଭବତୀ, ଦୁଇ ବର୍ଷରୁ କମ୍ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ଔଷଧ ଦିଆଯିବ ନାହିଁ ବୋଲି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବନମାଳୀ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ଦଶପଲ୍ଲା ବ୍ଲକରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ଅଞ୍ଚଳବାସୀଙ୍କୁ ଔଷଧ ସେବନ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

***Nayagarh***

## ପିଏମ୍- ସ୍ୱନିଧି ଯୋଜନା

ନୟାଗଡ଼ ପୌରପରିଷଦ ପକ୍ଷରୁ ସହରର ଉଠାଦୋକାନୀମାନଙ୍କୁ ନେଇ ପିଏମ୍-ସ୍ୱନିଧି ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୭୧୨ ଜଣ ଉଠାଦୋକାନୀ ବର୍ତ୍ତମାନ ସୁଦ୍ଧା ଅନ୍‌ଲାଇନ୍‌ରେ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୩୮୦ ଜଣଙ୍କୁ ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଇ ଦିଆଯିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ପୌରାଧ୍ୟକ୍ଷା ନିରୂପମା ଖଟେଇ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୧୮ରୁ ୪୦ ବର୍ଷ ବୟସ ବ୍ୟକ୍ତିବିଶେଷଙ୍କୁ ଅଟଳ ପେନସନ୍ ଯୋଜନାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।

*Boudh*

## ଶିକ୍ଷ ତାଲିମ

ବୌଦ୍ଧ ଜିଲ୍ଲା ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।  ଝିଅମାନଙ୍କ ପାଇଁ ସରକାରଙ୍କ ସୁଦକ୍ଷା ବୃତ୍ତିରେ ରହିଥିବା ସୁବିଧା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

*BHK*

## ବାଳିକା ଆତ୍ମରକ୍ଷା ଶିବିର

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟଠାରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜରେ ମହିଳାଙ୍କୁ ସମାନ ଅଧିକାର ଦେବା ଆଦି ପ୍ରସଙ୍ଗ ଉପରେ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକାମାନେ ଆଲୋଚନା କରିଥିଲେ।

*Boudh*

## ଟ୍ୟାଲେଣ୍ଟ ହଣ୍ଟ

ବୌଦ୍ଧ ଜିଲ୍ଲା ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ସରକାରଙ୍କ ଅଦ୍ୱୈକା ଯୋଜନାରେ 'ଟ୍ୟାଲେଣ୍ଟ ହଣ୍ଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଡିଓ ଯୁଧିଷ୍ଠିର ମେହେର ଯୋଗଦେଇ ବିଭିନ୍ନ

କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ଏବଂ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ।

***Desk***

# ବାରବାଟୀ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତାକାଲି ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏ ନେଇ ଆଜି ଭାରତୀୟ ଦଳ ଷ୍ଟାଡିୟମ୍‌ରେ ପହଁଞ୍ଚି ଅଭ୍ୟାସ ଜାରି ରଖିଛନ୍ତି। ଖେଳାଳିଙ୍କୁ ଦେଖିବା ପାଇଁ ଷ୍ଟାଡିୟମ୍ ପରିସରରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। କମିଶନରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ୫୦ ପ୍ଲାଟୁନ୍ ପୁଲିସ ଫୋର୍ସକୁ ନିୟୋଜିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ’ ଓସିଏ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିବା ସହ ସମସ୍ତ ବନ୍ଦୋବସ୍ତର ଅନୁଧ୍ୟାନ କରିଛନ୍ତି।